# ଶ୍ରୀଗୁରୁ ଭାଗବତର ତୃତୀୟ ଭାଗ ଉନ୍ମୋଚିତ
# (ଫଟୋ)

**ଭୁବନେଶ୍ୱର,ତା୨୧।୪(ପିଏନ୍‌ଏସ୍‌) :** ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଚିତ 'ଶ୍ରୀଗୁରୁ ଭାଗବତ'ର ତୃତୀୟ ଭାଗ ଆଜି ଟଙ୍କପାଣି ରୋଡ ସ୍ଥିତ ସିରିଡି ସାଇ ମନ୍ଦିର ପରିଷଦରେ ଉନ୍ମୋଚିତ ହୋଇଯାଇଛି । ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗୁରୁଜୀ ଏହି ଗ୍ରନ୍ଥକୁ ଲୋକାର୍ପିତ କରିବା ସହ ଗ୍ରନ୍ଥ ତଥା ଗୁରୁଙ୍କ ମହିମା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ପୂର୍ବରୁ ଉନ୍ମୋଚିତ ହୋଇଥିବା ୨ଟି ଗ୍ରନ୍ଥରେ ଶ୍ରୀଗୁରୁଙ୍କ ପରିଭାଷା, ସଦ୍‌ଗୁରୁ, ଗୁରୁଙ୍କର ପ୍ରକାର ଭେଦ, ଶ୍ରୀଗୁରୁଙ୍କର ଭକ୍ତ ଆଦି ବିଷୟବସ୍ତୁ ଥିବାବେଳେ ଏହି ତୃତୀୟ ଭାଗରେ ଧର୍ମ, ମୃତ୍ୟୁ ବିଦ୍ୟା, କର୍ମଫଳ ଓ ସାଧନା ଆଦି ବିଷୟରେ ବର୍ଣ୍ଣିତ ହୋଇଛି । ଏତଦ୍ ବ୍ୟତୀତ ଚତୁର୍ଥ ଭାଗଟି ବହୁ ଶୀଘ୍ର ପ୍ରକାଶ ପାଇବ ବୋଲି ସେ ପ୍ରକାଶ କରିଛନ୍ତି ।

ଜଗନ୍ନାଥ ଦାସ କୃତ ଶ୍ରୀମଦ୍ ଭାଗବତ ଭଳି ନବାକ୍ଷରୀ ଛନ୍ଦରେ ଏହି ଗ୍ରନ୍ଥ ରଚିତ ହୋଇଛି । ତେବେ ଏହା ମୂଳତଃ ଗୁରୁତତ୍ତ୍ୱକୁ ଆଧାର କରି ରଚିତ । ଏହିଗ୍ରନ୍ଥକୁ କେବଳ ଓଡିଶାରେ ନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ବିଭିନ୍ନ ଭାଷାରେ ଅନୁବାଦ କରାଯାଇଛି । ପୁସ୍ତକ ଉନ୍ମୋଚିତ ଶେଷ ହେବା ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁଜୀ ଯୋଗ ଦେଇ କହିଥିଲେ ଯେ, ଧର୍ମର ପରିଭାଷା , କର୍ମ ସିଦ୍ଧାନ୍ତ, ଧର୍ମ ଯୁଗ , ଆଧ୍ୟାତ୍ମିକତାର ବଶବର୍ତ୍ତୀ ତଥା ସଦ୍‌ଗୁରୁଙ୍କ ସଂପର୍କରେ ଅବଗତ ହେବା ଏକାନ୍ତ ଆବଶ୍ୟକ । ଉନ୍ନତୀର ଶୀର୍ଷରେ ପହଞ୍ଚିବା କିଛି ବଡ କଥା ନୁହେଁ କିନ୍ତୁ ଆଧ୍ୟାତ୍ମିକତାର ଚେତନାରେ ନିଜକୁ ବୁଡାଇ ଅନ୍ୟର ହୃଦୟରେ ସ୍ଥାନ ପାଇବା ହେଉଛି ବଡ କଥା । ଗୁରୁମାନେ ସମସ୍ତଙ୍କୁ ମାର୍ଗ ଦର୍ଶନ କରିଥାନ୍ତି । ହେଲେ ସଦ୍‌ଗୁରୁ ଯେଉଁମାନେ ସେମାନେ ମୁକ୍ତି ପାଇବା ପରେ ଅନ୍ୟର ହାତ ଧରି ନିଜ ପାଖକୁ ଡାକି ନେଇଥାନ୍ତି । ସର୍ବଦା ଚିନ୍ତା ଓ ଚେତନା ମଧ୍ୟରେ ଅନ୍ୟକୁ ଖୋଜିବା ଅପେକ୍ଷା ନିଜକୁ ଭଲ ପାଇବା ହେଉଛି ଜୀବନ । ଆଜିର ସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଭଲ ପାଇ ପାରିଲେ ଅନ୍ୟକୁ ମଧ୍ୟ ସଠିକ ମାର୍ଗରେ ନେଇ ପାରିବ ବୋଲି ସେ କହିଥିଲେ । ତେବେ ଚତୁର୍ଥ ଭାଗ ଓ ପଞ୍ଚମ ଭାଗ ବହୁତ ଶୀଘ୍ର ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଥିଲେ ।

Source: The Pragatibadi (24.04.11)